
# ପିଲାଙ୍କ ଧରିତ୍ରୀ

ଶନିବାର, ୨୯ ଜୁନ୍, ୨୦୧୯






୨ ଜଣା -ଅଜଣା

୬ କବିତା



୭ ଗପ



୮ ଆଇନା

୩ ଆସ ଜାଣିବା



## ମତାମତ

"ବିନ୍ଦୁଯୋଡ ମୋର ପସନ୍ଦ। ପ୍ରତି ସପ୍ତାହରେ ପ୍ରକାଶ ପାଉଥିବା ଚଗଲା ଭୀମୁ ପଢ଼ିବାକୁ ମଜା ଲାଗୁଛି।

**- ଅଜିତ୍ ସାହୁ,** ବ୍ରହ୍ମଗିରି

"ବିଜ୍ଞାନ କଥାରୁ ମଙ୍ଗଳ ଗ୍ରହ ବିଷୟରେ ଜାଣିବାକୁ ମିଳିଲା।

**- ରୋହିତ୍ ମହାରଣା,** ସୁକିନ୍ଦା, ଯାଜପୁର

"ପ୍ରତିବର୍ଷ ଦିଲ୍ଲୀରେ ଅନୁଷ୍ଠିତ ଆମ୍ବ ମହୋତ୍ସବ ସମ୍ପର୍କରେ ପଢ଼ିଲି। ଆମ୍ବକୁ ନେଇ ପିଲାମାନଙ୍କ ପାଇଁ ବିଭିନ୍ନ ଫନ୍ ଆକ୍ଟିଭିଟି, ଆମ୍ବ ଖାଇବା ପ୍ରତିଯୋଗିତା ବାସ୍ତବିକ ମଜାଦାର।

**- ମନସ୍ୱିନୀ ସ୍ୱାଇଁ,** କାମାକ୍ଷାନଗର, ଢେଙ୍କାନାଳ

"ପୃଷ୍ଠା ୬ରେ ସ୍ଥାନିତ କାହାକୁ କୁହନ୍ତିରୁ କେତେକ କଥା ଜାଣିବାକୁ ମିଳିଲା।

**- ମୋନାଲିସା ମହାପାତ୍ର,** ବକ୍ସିବଜାର, କଟକ

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

## ଗପ

# ମିସ୍ ! ରଥଯାତ୍ରା କାହିଁକି ହୁଏ



ବାବୁଲା ଇଂଲିଶ ମିଡିୟମ ସ୍କୁଲରେ ଷ୍ଟାଣ୍ଡାର୍ଡ-୬ରେ ପଢ଼େ। ବ୍ୟବହାରରେ ଶାନ୍ତ ଓ ପାଠପଢ଼ାରେ ହୁସିଆର। ସେଦିନ ପ୍ରାର୍ଥନା ସଭାରେ ହେଡମିସ୍ ଘୋଷଣା କଲେ ପିଲାମାନେ କାଲି ହେଉଛି ରଥଯାତ୍ରା। ସ୍କୁଲ ଛୁଟି ରହିବ। ତୁମେ ସବୁ ତୁମ ବାପା ମା'ଙ୍କ ସହିତ ରଥଯାତ୍ରା ଦେଖିବାକୁ ଯିବ। ଯାତ୍ରାରେ କ'ଣ ସବୁ ଦେଖିଲ ଛୁଟି ପରଦିନ କହିବ।

ଛୁଟି ପରଦିନ ପ୍ରାର୍ଥନା ସଭାରେ ସବୁ ପିଲା ରଥଯାତ୍ରାରେ ଯାହା ସବୁ ଦେଖିଥିଲେ ବର୍ଣ୍ଣନା କଲେ। ଲୋକେ ରଥଯାତ୍ରାରେ ରଥ ଦଉଡିକୁ ଧରି ହରିବୋଲ ହୁଳହୁଳି ଦେଇ କେମିତି ରଥ ଟାଣୁଥିଲେ ସବୁ କହିଲେ। ଖୁସି ମନରେ ଜଣ ଜଣ କରି କହି ଚାଲିଥାନ୍ତି। ଏହି ସମୟରେ ବାବୁଲା ଠିଆ ହୋଇ ମିସ୍‌ଙ୍କୁ ପଚାରିଲା, ମିସ୍! ରଥଯାତ୍ରା କାହିଁକି ହୁଏ ?

ବାବୁଲା ମୁହଁକୁ ଚାହିଁ ମିସ୍ କହିଲେ- ବେଶ୍ ଭଲ ପ୍ରଶ୍ନଟିଏ ପଚାରିଲ। ତେବେ ପିଲାମାନେ ଶୁଣ ରଥଯାତ୍ରା କାହିଁକି ହୁଏ। ସେ ବିଷୟରେ ମୁଁ ତୁମକୁ ସଂକ୍ଷେପରେ କହୁଛି।

ଅନେକ ବର୍ଷ ତଳର କଥା। ଅବନ୍ତୀ ବୋଲି ଗୋଟିଏ ରାଜ୍ୟ ଥିଲା। ରାଜା ଇନ୍ଦ୍ରଦ୍ୟୁମ୍ନ ସେଠାରେ ରାଜୁତି କରୁଥିଲେ। ସେ ବିଷ୍ଣୁ ଭକ୍ତ ଥିଲେ। ଦିନେ ସେ ଜଣେ ସନ୍ନ୍ୟାସୀଙ୍କ ଠାରୁ ପ୍ରଭୁ ନୀଳମାଧବଙ୍କ ବିଷୟରେ ଶୁଣିଲେ। ତାଙ୍କୁ ପୂଜା କଲେ ମୁକ୍ତି ମିଳିବ ବୋଲି ଜାଣିଲେ। ଉତ୍କଳରେ ନୀଳମାଧବ ଅବସ୍ଥାନ କରୁଥିବା କଥା ବିଦ୍ୟାପତିଙ୍କଠାରୁ ଶୁଣି ରାଜା ଇନ୍ଦ୍ରଦ୍ୟୁମ୍ନ ଯାଇ ଉତ୍କଳରେ ପହଞ୍ଚିଲେ। ସେତେବେଳେ ଓଡ଼ିଶାକୁ ଉତ୍କଳ କୁହାଯାଉଥିଲା। ଆଉ ସେଇ ସମୟରେ ନୀଳମାଧବ ନୀଳକନ୍ଦରରୁ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ଏ କଥା ଶୁଣି ରାଜା ଦୁଃଖରେ ଭାଙ୍ଗି ପଡିଲେ। କିନ୍ତୁ ଦେବର୍ଷି ନାରଦଙ୍କ କଥାନୁସାରେ ରାଜା ଅଶ୍ୱମେଧ ଯଜ୍ଞ କଲେ। ଯଜ୍ଞ ଶେଷରେ ରାଜା ଖବର ପାଇଲେ ଯେ ଏକ ବିରାଟ ଦାରୁବ୍ରହ୍ମ ସମୁଦ୍ର କୂଳରେ ଲାଗିଛି। ସେଥିରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଚିହ୍ନ ଦେଖାଯାଉଥାଏ। ରାଜା ଇନ୍ଦ୍ରଦ୍ୟୁମ୍ନ ନାରଦଙ୍କ ପରାମର୍ଶ କ୍ରମେ ଶବର ରାଜା ବିଶ୍ୱାବସୁଙ୍କ ସହିତ ଭକ୍ତି ସହକାରେ ପ୍ରାର୍ଥନା କରି ଦାରୁବ୍ରହ୍ମଙ୍କୁ ଆଣି ମହାବେଦିରେ ସ୍ଥାପନ କଲେ।

ପ୍ରଭୁଙ୍କ ମୂର୍ତ୍ତି ତିଆରି ପାଇଁ ଜଣେ ବୃଦ୍ଧ କାରିଗର ଆସି ପହଞ୍ଚିଲେ। ବୃଦ୍ଧକାରିଗରଙ୍କ ଅନୁରୋଧ ଏବଂ ନାରଦଙ୍କ ପରାମର୍ଶକ୍ରମେ ଏକ ବନ୍ଦ କୋଠରିରେ ଏକୋଇଶ ଦିନ ପାଇଁ ମୂର୍ତ୍ତି ତିଆରି କାମ ଆରମ୍ଭ ହେଲା। କୋଠରିରୁ ସବୁଦିନ ଠକ୍ ଠକ୍ ଶବ୍ଦ ଶୁଭୁଥାଏ। କିନ୍ତୁ ପନ୍ଦର ଦିନ ପରେ ସେ କୋଠରିରୁ ଆଉ କୌଣସି ଶବ୍ଦ ଶୁଭିଲା ନାହିଁ। ବୋଧ ହୁଏ ନ ଖାଇ ନ ପିଇ ବୃଦ୍ଧ କାରିଗର ମୃତ୍ୟୁ ବରଣ କରିଥିବେ। ସେହି ଭୟରେ ରାଣୀଙ୍କ ଅନୁରୋଧରେ ରାଜା ଦ୍ୱାର ଖୋଲିଦେଖିଲେ କୋଠରି ମଧ୍ୟରେ ଦରଗଢ଼ା ଚାରୋଟି ମୂର୍ତ୍ତି ଅଛି। କିନ୍ତୁ କାରିଗର ନାହାନ୍ତି। ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚା ବିଚଳିତ ହୋଇ ଉଠିଲେ। ଏହି ସମୟରେ ଶୂନ୍ୟବାଣୀ ହେଲା ହେ ରାଜନ ସମସ୍ତ ମୂର୍ତ୍ତିକୁ ବିଭିନ୍ନ ବସ୍ତ୍ର ପିନ୍ଧାଇ, ବିଭିନ୍ନ ଅଳଙ୍କାରରେ ସଜାଇ ପୂଜା ଅର୍ଚ୍ଚନା କର। ତୁମର ଆଶା ପୂରଣ ହେବ।

ରାଜା ଶୂନ୍ୟବାଣୀ ଅନୁସାରେ ସମସ୍ତ କାର୍ଯ୍ୟ ନାରଦଙ୍କ ପରାମର୍ଶ କ୍ରମେ ପ୍ରଭୁଙ୍କ ପାଇଁ ମନ୍ଦିର ତୋଳାଇଲେ। ବ୍ରହ୍ମାଙ୍କ ଦ୍ୱାରା ମନ୍ଦିର ଏବଂ ଦାରୁ ବ୍ରହ୍ମଙ୍କୁ ପ୍ରତିଷ୍ଠା କଲେ।

ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପୂଜାରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ଜଗନ୍ନାଥ କହିଲେ, ହେ ବତ୍ସ, ତୁମେ ଇଚ୍ଛାରେ ବର ମାଗିନିଅ।

ପ୍ରଭୁଙ୍କ ବାଣୀ ଶୁଣି ରାଜା ଆନନ୍ଦରେ କହିଲେ ହେ ମହାବାହୁ, ହେ କରୁଣା ସାଗର ଏ ମନ୍ଦିରକୁ ମୋର ବୋଲି କହିବାକୁ ମୋ ବଂଶରେ କେହି ନ ରହନ୍ତୁ।

ରାଜାଙ୍କ କଥା ଶୁଣି ପ୍ରଭୁ ଶ୍ରୀଜଗନ୍ନାଥ କହିଲେ ତଥାସ୍ତୁ। ଏପରି ଏକ ବର ମାଗିବା ଦେଖି ରାଣୀ ଗୁଣ୍ଡିଚା ଦୁଃଖରେ ଭାଙ୍ଗିପଡି କାନ୍ଦି ଉଠିଲେ। ରାଣୀଙ୍କ ଦୁଃଖ ଦେଖି ପ୍ରଭୁ ଶ୍ରୀଜଗନ୍ନାଥ କହିଲେ, ମା' ତୁ କାନ୍ଦୁଛୁ କାହିଁକି? ରାଜା ଇନ୍ଦ୍ରଦ୍ୟୁମ୍ନ ମୋର ମୂଳ ସ୍ଥାପୟତା। ସେ ମୋର ପିତା ସମାନ। ତାଙ୍କ ଅନ୍ତେ ମୁଁ ତାଙ୍କ ପିଣ୍ଡ ଦାନ କରିବି।

ଗୁଣ୍ଡିଚା କହିଲେ ପ୍ରଭୁ ମୋର ଆଉ କିଛି ଦରକାର ନାହିଁ। ମୋର ଏତିକି ଗୁହାରି, ଆପଣ ବର୍ଷକୁ ଥରେ ମୋ ଘରକୁ ବୁଲି ଆସିବେ। ତୁମର ଇଚ୍ଛା ପୂରଣ ହେବ ମା'। ମୁଁ ପ୍ରତି ବର୍ଷ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ଶ୍ରୀମନ୍ଦିରରୁ ବାହାରି ତୁମ ଘରକୁ ଯିବି। ସେହି ପବିତ୍ର ନବ ଦିନ ଯାତ୍ରା ଶେଷ କରି ଶ୍ରୀମନ୍ଦିରକୁ ଫେରିବି। ମୋର ଏହି ଯାତ୍ରାକୁ ତୁମରି ନାମ ଅନୁସାରେ ଶ୍ରୀଗୁଣ୍ଡିଚା ଯାତ୍ରା ନାମରେ ନାମିତ ହେବ।

ପ୍ରଭୁଙ୍କ ବାଣୀ ଶୁଣି ରାଜା ଓ ରାଣୀ ଉଭୟ ଆନନ୍ଦରେ ବିଭୋର ହୋଇଉଠିଲେ। ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ତିନିରଥରେ ପ୍ରଭୁ ଜଗନ୍ନାଥ, ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହିତ ସୁଦର୍ଶନ ଏହି ଯାତ୍ରା କରି ଆସୁଛନ୍ତି।

ଏହି ସମୟରେ ବାବୁଲା ପଚାରିଲା ମିସ୍, ତିନି ରଥଙ୍କର ନାମ କ'ଣ ? ମିସ୍ କହିଲେ ପ୍ରଭୁ ଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ, ପ୍ରଭୁ ବଳଭଦ୍ରଙ୍କ ରଥର ନାମ ତାଳଧ୍ୱଜ ଓ ଦେବୀ ସୁଭଦ୍ରାଙ୍କ ରଥର ନାମ ହେଉଛି ଦେବଦଳନ। ପ୍ରଭୁ ରଥରେ ବସି ଆସୁଥିବାରୁ ଏହି ଯାତ୍ରାକୁ ରଥଯାତ୍ରା ମଧ୍ୟ କୁହାଯାଏ। ଏହି ରଥଯାତ୍ରା କେବଳ ଓଡ଼ିଶା ନୁହେଁ ସାରା ଭାରତରେ ଏବଂ ବିଦେଶରେ କିଛି କିଛି ସ୍ଥାନରେ ମଧ୍ୟ ପାଳନ କରାଯାଏ।

ଏଥର ତୁମେ ଜାଣିଲ ତ ରଥଯାତ୍ରା କାହିଁକି ହୁଏ।

ମିସ୍‌ଙ୍କ କଥାଶୁଣି ସମସ୍ତେ ଏକ ସ୍ୱରରେ କହିଲେ ହଁ ମିସ୍, ତା'ପରେ ସମସ୍ତେ ତିନି ଠାକୁରଙ୍କୁ ମୁଣ୍ଡିଆ ମାରି ନିଜ ନିଜ କ୍ଲାସ୍‌କୁ ଗଲେ।


**– ନିଝାର ଅଲ୍ଲୀ ଦାମାନୀ**
ବଚପନ ପ୍ଲେ ସ୍କୁଲ, ମିଶ୍ରପଡା, ହାକିମପଡା
ଅନୁଗୋଳ, ମୋ: ୯୮୫୩୩୫୩୭୦୬

## ଖିଲିଖିଲି ହସ

ଶିକ୍ଷକ:ରାଜୁ ,ତୁମ ବାପା କ'ଣ କରନ୍ତି ?
ରାଜୁ: ସାର୍,ମୋ ବାପା ଲୋକଙ୍କ ସୁଖ ଦୁଃଖ ବାଣ୍ଟନ୍ତି।
ଶିକ୍ଷକ:ବୁଝି ହେଲାନି ରାଜୁ ? ତୁମ ବାପା କ'ଣ ସମାଜସେବୀ ?
ରାଜୁ: ନା,ସାର୍ ମୋ ବାପା ଜଣେ ପୋଷ୍ଟମାଷ୍ଟର।

## ଚଗଲା ଭୀମୁ





# ସନ୍ତରଣ ନିଶାରେ ପୀୟୂଷ ଠାକୁର

## ଶିଶୁ ପ୍ରତିଭା...

ସମ୍ବଲପୁର ଜିଲାର ସିନ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟମ ଶ୍ରେଣୀର ଛାତ୍ର ପୀୟୂଷ ଠାକୁର । ବୟସ ୧୩ ବର୍ଷ। ଏତେ କମ ବୟସରୁ କିନ୍ତୁ ସେ ସନ୍ତରଣରେ ସିଦ୍ଧହସ୍ତ। ପୀୟୂଷଙ୍କ ଛୋଟ ବେଳୁ ସନ୍ତରଣ ପ୍ରତି ଆଗ୍ରହ ଥିଲା । ତେଣୁ ସେ ସମ୍ବଲପୁରର ଡା. ଝସକେତନ ସାହୁ ସନ୍ତରଣାଗାରରେ ପ୍ରଶିକ୍ଷଣ ନେଇ ପରବର୍ତ୍ତୀ ସମୟରେ ସନ୍ତରଣରେ ଚାମ୍ପିୟନଶିପ୍ ହାସଲ କରିଛନ୍ତି । ଚଳିତ ବର୍ଷ ଜୁନ ପ୍ରଥମ ସପ୍ତାହରେ କଳିଙ୍ଗ ଷ୍ଟାଡିୟମ ସୁଇମିଂ ପୁଲରେ ରାଜ୍ୟସ୍ତରୀୟ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ସେ ସମ୍ବଲପୁରରୁ ପ୍ରତିନିଧିତ୍ୱ କରି ଚାମ୍ପିୟନ ହୋଇଛନ୍ତି । ଏହି ପ୍ରତିଯୋଗିତାରେ ସେ ମୋଟ ୩ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି । ୨୦୧୫ ରୁ୨୦୧୯ ପର୍ଯ୍ୟନ୍ତ ସେ ବିଭିନ୍ନ ଜିଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଛନ୍ତି । ୨୦୧୬ ମସିହାରେ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ମଧ୍ୟ ଚାମ୍ପିୟନ ହୋଇଥିଲେ । ଏଥିସହ ବାଙ୍ଗାଲୋର, ହାଇଦ୍ରାବାଦ, ମହୀଶୂର, ପୁଣେ ପ୍ରଭୃତି ସ୍ଥାନରେ ଆୟୋଜିତ ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଓଡିଶାର ପ୍ରତିନିଧିତ୍ୱ ମଧ୍ୟ କରିଛନ୍ତି ।

ସମ୍ବଲପୁର ବାଲିବନ୍ଧା ରାମଜୀ ମନ୍ଦିର ଅଞ୍ଚଳରେ ରହୁଥିବା ବାପା ଅଧ୍ୟାପକ ସତ୍ୟନାରାୟଣ ଠାକୁର ଓ ମାଆ ଯାମିନୀ ଠାକୁରଙ୍କ ପୁତ୍ର ପୀୟୂଷ ସନ୍ତରଣ ବ୍ୟତୀତ ଅଭିନୟ, ସଂଗୀତ, ନୃତ୍ୟ, ଯୋଗାସନ ଆଦିରେ ରୁଚି ରଖିବା ସହ ଏଥିରେ ଅନେକ କୃତିତ୍ୱ ମଧ୍ୟ ହାସଲ କରିଛନ୍ତି । ସେ ୨୦୧୮ ମସିହାରେ ବୀରସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ନାଟ୍ୟଶ୍ରୀ ଡ. ପଞ୍ଚାନନ ମିଶ୍ରଙ୍କ ସ୍ୱର ପ୍ରଯୋଜିତ ନାଟକରେ ଅଭିନୟ କରି ଶିଶୁ କଳାକାର ଭାବେ ପୁରସ୍କୃତ ହୋଇଛନ୍ତି । ଏଥିସହ ଛତାବାଲା ଓ ଦେଶୀ ପତଞ୍ଜଳି ଆଲବମ୍‌ରେ ମଧ୍ୟ ଅଭିନୟର ଯାଦୁ ଦେଖାଇଛନ୍ତି। ୨୦୧୩ ରୁ୨୦୧୬ ମସିହା ପର୍ଯ୍ୟନ୍ତ ଯୋଗ ଦର୍ଶନ ଆଶ୍ରମଠାରେ ଆୟୋଜିତ ଯୋଗ ଶିବିରରେ ଭାଗ ନେଇ ସମ୍ମାନିତ ହୋଇଛନ୍ତି । ସଂପ୍ରତି ସେ ସଂଗୀତଜ୍ଞ ରତନ ପୂଜାରୀଙ୍କଠାରୁ ସଂଗୀତ ଶିକ୍ଷା ଗ୍ରହଣ କରୁଛନ୍ତି । ଏପର୍ଯ୍ୟନ୍ତ ପୀୟୂଷ ସମ୍ବଲପୁର ଜିଲା ବାରିକ ସମାଜ ପକ୍ଷରୁ ଶିଶୁ ପ୍ରତିଭା ସମ୍ମାନ-୨୦୧୬, ସମ୍ବଲପୁର ଜିଲା ପ୍ରଶାସନର କ୍ରୀଡା ସମ୍ମାନ-୨୦୧୬, ୨୦୧୯ ମସିହାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ପ୍ରତିଭା ସମ୍ମାନରେ ପୁରସ୍କୃତ ହୋଇଛନ୍ତି । ଅନ୍ୟାନ୍ୟ କାର୍ଯ୍ୟକଳାପରେ ସଫଳ ହୋଇଥିବା ପୀୟୂଷ ମେଧାବୀ ଛାତ୍ରଭାବେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ସହପାଠୀଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି । ଏନେଇ ପୀୟୂଷ କୁହନ୍ତ- ସନ୍ତରଣ ଓ ଅଭିନୟ ମୋର ସବୁବେଳେ ନିଶା ହୋଇ ରହିବ । କିନ୍ତୁ ପାଠପଢ଼ା ପ୍ରତି ଅଧିକ ଗୁରୁତ୍ୱ ଦେଉଛି । ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି । ଡାକ୍ତର ହେବାର ଆଶା ସାକାର ହେବା ପରେ ମଧ ସନ୍ତରଣକୁ କେବେ ଛାଡି ପାରିବି ନାହିଁ । ସନ୍ତରଣ ଯୋଗୁଁ ଶାରୀରିକ ବ୍ୟାୟାମ ହେଉଛି । ତେଣୁ ପାଠପଢ଼ାରେ ମଧ ଶୃଙ୍ଖଳିତ ହୋଇ ପାରିଛି । ପ୍ରକୃତ ପକ୍ଷେ ସନ୍ତରଣ ମୋର ନିଶା ଅଟେ ।

-ରିପୋର୍ଟ: ବି.ଶଙ୍କର



## ଆସ ଜାଣିବା

ଶ୍ରୀ ଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହେଉଥିବା ଏହି ବିଶାଳ ଯାତ୍ରା ଦେଖିବା ପାଇଁ ପ୍ରତିବର୍ଷ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଭକ୍ତ ପୁରୀ ବଡଦାଣ୍ଡରେ ଏକତ୍ରିତ ହୋଇଥାନ୍ତି। ଶ୍ରୀଜୀଉଙ୍କ ଏହି ରଥଯାତ୍ରା ସମ୍ପର୍କରେ ରହିଛି ଅନେକ କିମ୍ବଦନ୍ତୀଏବଂ ପୁରାଣ କଥା। ତେବେ ଏହି ରଥଯାତ୍ରାର ଆଉ କିଛି ବିଶେଷତ୍ୱ ସମ୍ପର୍କରେ .........





# ରଥଯାତ୍ରା

## ରଥଯାତ୍ରାର ଅନ୍ୟନାମ

- *ଘୋଷ ଯାତ୍ରା
- *ଶ୍ରୀଗୁଣ୍ଡିଚା ଯାତ୍ରା
- *ଯଜ୍ଞବେଦି ଯାତ୍ରା
- *ଆଡପମଣ୍ଡପ ଯାତ୍ରା
- *ଜନ୍ମବେଦି ଯାତ୍ରା
- *ନବଦିନ ଯାତ୍ରା
- *ଦଶାବତାର ଯାତ୍ରା
- *ମହାବେଦି ଯାତ୍ରା
- *ଦକ୍ଷିଣାୟନ ଯାତ୍ରା
- *ପତିତପାବନ ଯାତ୍ରା

## ରଥ ସମ୍ପର୍କରେ

- ଜଗନ୍ନାଥଙ୍କ ରଥର ନାମ- ନନ୍ଦିଘୋଷ
- ବଳଭଦ୍ରଙ୍କ ରଥର ନାମ- ତାଳଧ୍ୱଜ
- ସୁଭଦ୍ରାଙ୍କ ରଥର ନାମ- ଦେବଦଳନ
- ନନ୍ଦିଘୋଷ ରଥର ଉଚ୍ଚତା-୩୩ ହାତ ୫ ଆଙ୍ଗୁଳି
- ତାଳଧ୍ୱଜ ରଥର ଉଚ୍ଚତା-୩୨ ହାତ ୧୦ ଆଙ୍ଗୁଳି
- ଦେବଦଳନ ରଥର ଉଚ୍ଚତା-୩୧ ହାତ
- ନନ୍ଦିଘୋଷ ରଥର ଚକ ସଂଖ୍ୟା-୧୬
- ତାଳଧ୍ୱଜ ରଥର ଚକ ସଂଖ୍ୟା-୧୪
- ଦେବଦଳନ ରଥର ଚକ ସଂଖ୍ୟା-୧୨
- ନନ୍ଦିଘୋଷ ରଥର ରଙ୍ଗ- ନାଲି ଓ ହଳଦିଆ
- ତାଳଧ୍ୱଜ ରଥର ରଙ୍ଗ- ନାଲି ଓ ସବୁଜ
- ଦେବଦଳନ ରଥର ରଙ୍ଗ- ନାଲି ଓ କଳା
- ନନ୍ଦିଘୋଷ ରଥର ସାରଥି- ଦାରୁକ
- ତାଳଧ୍ୱଜ ରଥର ସାରଥି- ମାତଳୀ
- ଦେବଦଳନ ରଥର ସାରଥି- ଅର୍ଜ୍ଜୁନ
- ନନ୍ଦିଘୋଷ ରଥ ଦଉଡିର ନାମ- ଶଙ୍ଖଚୂଡ
- ତାଳଧ୍ୱଜ ରଥ ଦଉଡିର ନାମ- ବାସୁକୀ
- ଦେବଦଳନ ରଥ ଦଉଡିର ନାମ- ସ୍ୱର୍ଣ୍ଣଚୂଡନାଗ
- ନନ୍ଦିଘୋଷ ରଥର ଅନ୍ୟ ନାମ- ଚକ୍ରଧ୍ୱଜ, ଗରୁଡଧ୍ୱଜ
- ତାଳଧ୍ୱଜ ରଥର ଅନ୍ୟ ନାମ- ଲାଙ୍ଗୁଳଧ୍ୱଜ, ହଳଧ୍ୱଜ
- ଦେବଦଳନ ରଥର ଅନ୍ୟ ନାମ- ପଦ୍ମଧ୍ୱଜ, ଦର୍ପଦଳନ

## ରଥଯାତ୍ରା ସମ୍ପର୍କରେ

- ମହାପ୍ରଭୁଙ୍କ ଘୋଷଯାତ୍ରା ୯ ଦିନ ବ୍ୟାପି ପାଳନ କରାଯାଇଥାଏ।
- ରଥଯାତ୍ରା ପାଇଁ ନୂଆ ରଥଗଢା କାର୍ଯ୍ୟ ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥାଏ।
- ରଥଯାତ୍ରା ପୂର୍ବରୁ ଶ୍ରୀଜୀଉଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥାଏ।
- ସ୍ନାନପୂର୍ଣ୍ଣିମା ପରେ ଶ୍ରୀଜୀଉମାନେ ୧୪ ଦିନ ଯାଏଁ ଅଣସର ଘରେ ରୁହନ୍ତି।
- ଅଣସର ଘରୁ ବାହାରିବା ପରେ ଶ୍ରୀଜୀଉଙ୍କ ନେତ୍ରୋତ୍ସବ ଏବଂ ନବଯୌବନ ଦର୍ଶନ ଅନୁଷ୍ଠିତ ହୋଇଥାଏ।
- ରଥଯାତ୍ରା ଦିନ ରଥ ଉପରକୁ ସର୍ବପ୍ରଥମେ ସୁଦର୍ଶନ ଧାଡି ପହଣ୍ଡିରେ ଆସନ୍ତି। ସେ ମା ସୁଭଦ୍ରାଙ୍କ ରଥରେ ବିରାଜମାନ କରନ୍ତି।
- ସୁଦର୍ଶନଙ୍କ ପରେ ଶ୍ରୀବଳଭଦ୍ର ରଥକୁ ବିଜେ କରନ୍ତି। ଏହାପରେ ମା ସୁଭଦ୍ରା ଏବଂ ଶେଷରେ ଶ୍ରୀ ଜଗନ୍ନାଥ ରଥ ଉପରକୁ ପହଣ୍ଡି ବିଜେ କରନ୍ତି।
- ଠାକୁର ରଥାରୂଢ ହେବାପରେ ପୁରୀର ଠାକୁରରାଜା ତଥା ପ୍ରଭୁଙ୍କର ପ୍ରଥମ ସେବକ ଗଜପତି ରଥରେ ସୁନା ଝାଡୁରେ ଛେରାପହଁରା କରନ୍ତି।
- ତିନିରଥରେ ତିନିଠାକୁର ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରନ୍ତି।
- ଶ୍ରୀଜୀଉମାନେ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ରଥଯାତ୍ରାର ପଞ୍ଚମ ଦିନ ହେରାପଞ୍ଚମୀ ଅନୁଷ୍ଠିତ ହୁଏ।
- ଶ୍ରୀଜୀଉମାନେ ଗୁଣ୍ଡିଚା ମନ୍ଦିରରେ ୯ ଦିନ ରହିବା ପରେ ଦଶମ ଦିନ ବାହୁଡା ଯାତ୍ରା ଅନୁଷ୍ଠିତ ହୁଏ।
- ବାହୁଡା ସମୟରେ ରଥ ମାଉସୀମା ମନ୍ଦିର ନିକଟରେ ଅଟକେ ଏବଂ ସେଠାରେ ଶ୍ରୀଜିଉମାନେ ପୋଡପିଠା ଭୋଗ ଖାଇଥାନ୍ତି।
- ବାହୁଡା ଏକାଦଶୀରେ ରଥ ଉପରେ ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୁଏ।
- ତା' ପରଦିନ ଠାକୁରଙ୍କୁ ଅଧର ପଣା ଭୋଗ ଦିଆଯାଏ।
- ତୃତୀୟ ଦିନ ଠାକୁରମାନେ ନୀଳାଦ୍ରି ବିଜେ କରନ୍ତି।
- ନୀଳାଦ୍ରି ବିଜେ ସମୟରେ ଶ୍ରୀ ଜଗନ୍ନାଥ ମା' ଲକ୍ଷ୍ମୀଙ୍କୁ ରସଗୋଲା ଅର୍ପଣ କରି ମାନଭଞ୍ଜନ କରିବାର ପ୍ରଥା ରହିଛି।




୧ ଜ୍ୟୋତିରାଦିତ୍ୟ ମହାନ୍ତି
କ୍ଲାସ-୧୦, ସେଣ୍ଟ ଜୋସେଫ କନ୍‌ଭେଣ୍ଟ ସ୍କୁଲ, ସମ୍ବଲପୁର


୨ ପ୍ରତିଭା ମହାଣା
କ୍ଲାସ-୧୦, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ତରଭା, ସୁବର୍ଣ୍ଣପୁର


୩ ଆଦ୍ୟାଶା ଭୁୟାଁ
କ୍ଲାସ-୫, ସେମ୍ଫର୍ଡ ଫ୍ୟୁଚରିଷ୍ଟିକ୍ ସ୍କୁଲ, ବଲାଙ୍ଗୀର


୪ କୈବଲ୍ୟ ମିଶ୍ର
କ୍ଲାସ-୫, ସେଣ୍ଟ ଜୋସେଫ୍ ହାଇସ୍କୁଲ, ଭୁବନେଶ୍ୱର


୫ ଅନୁଷ୍କା ବେଉରା
କ୍ଲାସ-୫, ସେଣ୍ଟ ଜୋସେଫ୍ ହାଇସ୍କୁଲ, ଭୁବନେଶ୍ୱର


୬ ଶ୍ରେୟାଶ୍ରୀ ପଣ୍ଡା
କ୍ଲାସ-୫, ସେଣ୍ଟ ଜୋସେଫ୍ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର


୭ ପ୍ରିୟାଂଶୁ କୁମାର ମହାନ୍ତି
କ୍ଲାସ-୮, ଡି.ଏ.ଭି ପବ୍ଲିକ୍ ସ୍କୁଲ, ୟୁନିଟ୍-୮, ଭୁବନେଶ୍ୱର



୮ ବିଘ୍ନରାଜ ଭଟ୍ଟମିଶ୍ର
କ୍ଲାସ-୯, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଆମ୍ବପୁଆ, ବ୍ରହ୍ମପୁର



୯ ଶ୍ରେୟାଲ ପଣ୍ଡା
କ୍ଲାସ-୫, ସେଣ୍ଟ ଜୋସେଫ୍ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର



୧୦ ପି.ଅଂଶୁଜିତ୍
କ୍ଲାସ-୬, କେନ୍ଦ୍ରୀୟ ବିଦ୍ୟାଳୟ ବିକାଶପୁରୀ, ନୂଆଦିଲ୍ଲୀ



୧୧ ଭବାଂଶୀ ହୋତା
କ୍ଲାସ - ୪, ସାରସ୍ୱତ ବାଲ୍ ମନ୍ଦିର, ଜୟପୁର


୧



୨


୩



୪


୫


୬


୭


୮


୯


୧୦


୧୧

# ବଡ଼ଦାଣ୍ଡେ ଆସୁ

ଆଷାଢ଼ ମାସର ଶୁକ୍ଳ ଦ୍ୱିତୀୟାରେ
ତେଜି ରତ୍ନ ସିଂହାସନ
ବଡ଼ଦାଣ୍ଡେ ଆସୁ ଭାଇ, ଭଉଣୀଙ୍କ
ସଙ୍ଗେ ପତିତପାବନ।
ବରଷକ ଯାକ ଗମ୍ଭୀରା ଭିତରେ
ଚିଡ଼ା ଲାଗେ ତତେ ରହି
ଭକତ ସାଙ୍ଗରେ ଭାବ ରଚିବାକୁ
ଆସିଥାଉ ଭାବଗ୍ରାହୀ।
ବଡ଼ ଭାଇଙ୍କୁ ତୁ ଆଗରେ ପଠାଉ
ବସାଇ ତାଳଧ୍ୱଜରେ
ମଝିରେ ଭଉଣୀ ହଳଦୀ ବରଣୀ
ଯାଏ ଦର୍ପଦଳନରେ।
କେତେ ରଙ୍ଗ ହୋଇ ଚାହିଆ ହଲେଇ
ନନ୍ଦିଘୋଷରେ ବସି
ମାଉସୀ ଘରକୁ ଯାଉରେ କାଳିଆ
ମୃଦୁ ମୃଦୁ ହସି ହସି।
ଏକୋଇର ବଳା ବିଶିକେଶନ ତୁ
ଗୁଣ୍ଡିଚା ମା'ର ପରା
ମାଟିଠୁ ଆକାଶ ତୁ ଅଟୁ ତା'ର
ନୟନର ଧ୍ରୁବ ତାରା।
ନଅଦିନ ସିଏ ତା' ପଣତ ତଳେ
ରଖିବ ସେନେହ ଦେଇ
ବାହୁଡା ଦିନରେ ବାଟେଇ ଦେବରେ
ତତେ ପୋଡ଼ପିଠା ଖୋଇ।

**-ରମାକାନ୍ତ ବେହେରା,**
*ଭଣ୍ଡାରିପୋଖରୀ, ଭଦ୍ରକ*



## କ ବି ତା



## ତିନି ରଥେ ବିଜେ ତିନି ଠାକୁର

ପହଣ୍ଡି ବିଜୟ କରି
ଶ୍ରୀଗୁଣ୍ଡିଚା ଯାତେ ବାହାରିବେ ପ୍ରଭୁ
ଭକତଙ୍କୁ କୋଳକରି।
ତିନି ରଥେ ତିନି ଠାକୁରଙ୍କୁ ଦେଖି
ଭକତ କରେ ଗୁହାରି
ଜଗତ ସ୍ୱାଇଁଙ୍କୁ ଦରଶନ କରି
ଟାଣଇ ରଥ ଦଉଡ଼ି।
କୋଟି ଜନମର ପାପ ଦୂର ହୁଏ
ରଥରେ ଦେଖି ଶ୍ରୀହରି
ରଥେ ତିନି ଦିଅଁ ଦେଖି ଏ ନୟନେ
ଏ ଜୀବନ ଯାଉ ତରି।

**-ଅର୍ଚ୍ଚନା କର,** ଫ୍ଲାଟନମ୍ବର ୬୫୬, ନୟାପଲ୍ଲୀ,
ବେହେରାସାହି, ଭୁବନେଶ୍ୱର

## ଭକତର ଲାଗି

ଜଗତର ନାଥ ରଥେ ବିଜେ ହେବେ
ଭକତ ହୋଇବେ ରୁଣ୍ଡ।
ଘଣ୍ଟଘଣ୍ଟା ଶଙ୍ଖ କାହାଳୀ ଶବଦେ
ଦୁଲୁକିବ ବଡ଼ଦାଣ୍ଡ।
ଭକତଙ୍କ ସାଙ୍ଗେ ଦିଅଁ କୋଳାକୋଳି
ସେ ପରା ଜୀବନ୍ତ ଦିଅଁ।
ଡାକିଲେ ଶୁଣଇ କାନ ଡେରି ସବୁ
କାଠ ପଥର ସେ ନୁହଁ।
ଏମିତି ଠାକୁର ଜଗତେ ବିରଳ
ଭକତ ତା' ମାତାପିତା।
ପତିତପାବନ ନେତ ଉଡାଉଛି
ସାରା ଜଗତର କର୍ତ୍ତା।
ନିଜକୁ ଗଢ଼ିଛି ଦରଗଢ଼ା କରି
ଦେଖାଏ ଖଣ୍ଡିଆ ହାତ।
ସାରା ଜଗତକୁ ହାତରେ ନଚାଏ
ସେ ପରା କଳା ସାଆନ୍ତ।
ଜଗତର ନାଥ ବୋଲାଉଛି ସିଏ
ଭକତ ପ୍ରେମରେ ବାଇ।
ସୁନାରେ ସୁନା ତୁ କାଳିଆ ସୁନା ମୋ
ତା' ପରି ଆଉ କେ କାହିଁ।
ତା' ଚକାଡୋଳାର ଏତେ ଆକର୍ଷଣ
ଡୋରି ଲଗାଇକି ଟାଣେ।
ଆଖି ବୁଜିଦେଲେ ତା' ରୂପ ଦିଶେ
କିମିଆ ସତେ କି ଜାଣେ।
ରାଧାର ନୁହଁ ସେ ମୀରାର ବି ନୁହଁ
ନୁହଁ ସେ କାହା ଅଧୀନ।
ଦାସିଆ ନଡ଼ିଆ ସୁଦାମାର ଖୁଦ
ନେଇ ଦେଲା ହୃଦେ ସ୍ଥାନ।
ଗୁଣ୍ଡିଚା ରାଣୀଙ୍କ କଥା ଦେଇଥିଲା
ଯାଉଛି ମାଉସୀ ଘର।
ଭକତର ଲାଗି ତା'ର ଲୀଳାଖେଳା
ଛାଡିଯାଏ ଶ୍ରୀମନ୍ଦିର।

**ଅରୂପ କୁମାର ବିଶ୍ୱାଳ**
*ସହକାରୀ ଶିକ୍ଷକ*
*ଏନଏସି ବାଳିକା ଉଚ୍ଚ ବିଦ୍ୟାଳୟ*
*ପାରାଦୀପ, ମୋ:୯୦୪୦୮୭୦୧୦୦*



## ରଙ୍ଗଦିଅ




## କହିଲ ଦେଖି



ରତ୍ନବେଦି ଛାଡ଼ି ବଡ଼ ଦେଉଳୁ
ପତିତପାବନ ରଥଯାତ୍ରା ପହିଲୁ
ଗ୍ରୀଷ୍ମଜ୍ୟେଷ୍ଠ କଷ୍ଟ ହେବାରୁ ବେଶି
ମଣ୍ଡପେ ସ୍ନାହାନ କରନ୍ତି ବସି
ଅପୂର୍ବ ସେ ବେଶ ଜଗତ ନାଥ
ସ୍ୱାର୍ଥ କରିଲେ ଭକ୍ତ ମନୋରଥ

**ଉତ୍ତର-ହାତୀବେଶ**

ମାଟିରେ ଗଢ଼ଇ କୁମ୍ଭାର ଭାଇ
ହାଣ୍ଡି ସରା ଘଡ଼ି ମାଠିଆ ନୋହି
ନାଳିଆ ଦେହକୁ କାଳିଆ ପାଇଁ
ଭୋଗ ଧରି ଆସେ ବୋଝିଆ ନେଇ
ବଡ଼ ଦେଉଳେ ଆନନ୍ଦ ବଜାର
ଅବଢ଼ା ପାଇଁ କି ଲୋଡ଼େ ସୁଆର।



**ଉତ୍ତର-କୁଡୁଆ**



ଘୋଳଦହି ଆଉ ବାସି ଅବଢ଼ା
ତୋରାଣିରେ କମଳାପତ୍ର ରସ ଯୋଡ଼ା
ପୋଦିନା ପତର ସାଥେ କଞ୍ଚାଲଙ୍କା
ଥରେ ପିଇଲେ ଛାଡ଼େ ମନରଙ୍କା
କହିବ ବାସନା ବାରି ସହଳ
ଆନନ୍ଦ ବଜାରେ ମିଳେ କେବଳ।

**ଉତ୍ତର-ଟଙ୍କ ତୋରାଣି**

**-ରମାକାନ୍ତ ପୁରୋହିତ,** *ନିରାକାରପୁର, ଖୋର୍ଦ୍ଧା*



## ଆରଥରର ଉ ତ୍ତ ର

* କୋଲକାତା
* ଗୁଜରାଟ
* ଦିଲ୍ଲୀ
* ବାରାଣସୀ
* ଜୟପୁର

## ଏ ଥ ର ର ପ୍ର ଶ୍ନ

★ ରଥଯାତ୍ରା ପୂର୍ବରୁ ଶ୍ରୀଜିଉମାନେ କେତେ ଦିନ ଯାଏଁ ଅଣସର ଘରେ ରୁହନ୍ତି?


★ ରଥଯାତ୍ରା ଦିନ କିଏ ରଥ ଉପରେ ଛେରାପହଁରା କରିଥାନ୍ତି?

★ ରଥଯାତ୍ରା ଦିନ କିଏ ସର୍ବପ୍ରଥମେ ରଥ ଉପରେ ପହଣ୍ଡି ବିଜେ କରନ୍ତି?

★ ଶ୍ରୀ ଜଗନ୍ନାଥ ନିଜ ଭାଇଭଉଣୀଙ୍କ ସହ ମାଉସୀମା ମନ୍ଦିର ଯାଇ କେଉଁ ପିଠା ଖାଇବାର ପ୍ରଥା ରହିଛି?

★ ରଥଯାତ୍ରା ଆଉ କେଉଁ ନାମରେ ମଧ୍ୟ ଖ୍ୟାତ?

# ଜଣା ଅଜଣା





✻ ପୃଥିବୀ ସୂର୍ଯ୍ୟ ଚାରିପଟେ ବୁଲିବା ପାଇଁ ୩୬୫ ଦିନ ସମୟ ନେଉଥିବା ବେଳେ ବୁଧଗ୍ରହ କେବଳ ୮୮ ଦିନ ସମୟ ନେଇଥାଏ।



✻ ବିଲେଇ ଦିନକୁ ପ୍ରାୟ ୧୮ ଘଣ୍ଟା ଶୋଇଥାଏ। କାରଣ ଏହାର ଶରୀର ବୃଦ୍ଧି ପାଇଁ ଆବଶ୍ୟକ ହେଉଥିବା ଏକ ହରମୋନ୍ ଶୋଇବା ଦ୍ୱାରା ହିଁ ଉତ୍ପନ୍ନ ହୋଇଥାଏ।




✻ ଉତ୍ତର ଆମେରିକାରେ ଦେଖାଦେଉଥିବା 'ପ୍ରେଇରୀ ଡଗ୍' ନାମକ ଏକ ପ୍ରକାର ଗୁଣ୍ଡୁଚି ମୂଷା ପ୍ରଜାତି କୁକୁର ଭଳି ଭୁକିଥାଏ।




✻ ୧୬୪୨ରେ ଫ୍ରାନ୍ସର ବୈଜ୍ଞାନିକ ବ୍ଲେଜ୍ ପାସ୍କଲ ପୃଥିବୀର ସର୍ବପ୍ରଥମ ପ୍ରାକ୍ଟିକାଲ ମେକାନିକାଲ କାଲ୍‌କୁଲେଟର ଉଦ୍ଭାବନ କରିଥିଲେ।

✻ ପୃଥିବୀର ବିଶାଳ ଜୀବ ବ୍ଲୁ ହ୍ୱେଲର ଦାନ୍ତ ନଥାଏ। ଦାନ୍ତ ବଦଳରେ ଏହାର ପାଟିରେ ହ୍ୱେଲ୍ ବୋନ୍ ବା ପ୍ଲେଟ୍ ଆକାରର ଏକ ହାଡ ଥାଏ ଯାହା ଦାନ୍ତ ଭଳି କାର୍ଯ୍ୟ କରେ।





✻ ମନୁଷ୍ୟ ବ୍ୟତୀତ କୋଆଲା, ସିମ୍ପାଞ୍ଜି, ଗରିଲା ଆଦିଙ୍କର ମଧ୍ୟ ଟିପଚିହ୍ନ ରହିଛି।

# ଆଇନା



ନମସ୍ୟା
୬ ବର୍ଷ



ଶୁଭ୍ରାଂଶୁ
୯ ବର୍ଷ



ମାମୁନ୍
୫ ବର୍ଷ